# ମଲ୍ଲିପୁର ୧୦ଦିନ ଆବଦ୍ଧାଞ୍ଚଳ ଘୋଷଣା

**ଖୋର୍ଦ୍ଧା,୧୫।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମଲ୍ଲିପୁର ପଞ୍ଚାୟତର ମଲ୍ଲିପୁର ଗ୍ରାମରେ ଏକାଧିକ କରୋନା ପଜିଟିଭ୍ ବାହାରିବା ପରେ ଉପଜିଲ୍ଲାପାଳ ଅଶୋକ କୁମାର ବେହୁରିଆ ଏହି ଗ୍ରାମକୁ ୧୦ଦିନ ପାଇଁ ଆବଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୧୪ରୁ ୨୪ ପର୍ଯ୍ୟନ୍ତ ଏ ନିର୍ଦ୍ଦେଶନାମା ବଳବତ୍ତର ରହିବ। ଜନସ୍ୱାର୍ଥ ଓ ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଉପଜିଲ୍ଲାପାଳ ଶ୍ରୀ ବେହୁରିଆ ସୂଚନା ଦେଇଛନ୍ତି। ଏହି ସମୟରେ ଗ୍ରାମର କୌଣସି ବ୍ୟକ୍ତି ବାହାରକୁ ଯିବେନାହିଁ। ବାହାର ଲୋକେ ମଧ୍ୟ ଏହି ଗ୍ରାମ ମଧ୍ୟକୁ ପ୍ରବେଶ କରିବେ ନାହିଁ। ଏଥିସହିତ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା, ମହୋତ୍ସବ, ତାସ୍ ଖେଳ, କ୍ରିକେଟ୍ ଖେଳ ପ୍ରଭୃତି ଉପରେ ରୋକ୍ ଲଗାଯାଇଛି। ସେହିପରି କୌଣସି ସ୍ଥାନରେ ଲୋକମାନେ ଏକାଠି ବସିବେ ନାହିଁ ଏବଂ ଗ୍ରାମରେ ଥିବା ସମସ୍ତ ଦୋକାନ ବନ୍ଦରହିବ ବୋଲି ଚିଠିରେ ଉଲ୍ଲେଖ ରହିଥିବାବେଳେ ଛୋଟ ଶିଶୁ, ବୟସ୍କ ଓ ଗର୍ଭବତୀ ବିଶେଷଙ୍କୁ ଧ୍ୟାନ ଦିଆଯିବ ଶ୍ରୀ ବେହୁରିଆ ପ୍ରକାଶ କରିଛନ୍ତି।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com